# 14ତମ ଭାରତ-ଫ୍ରାନ୍ସ ସିଇଓ ଫୋରମ୍ ରେ ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ (ଫେବୃୟାରୀ 11, 2025)

ଫେବୃୟାରୀ 11, 2025

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସର ରାଷ୍ଟ୍ରପତି ମହାମହିମ ଶ୍ରୀ ଇମାନୁଏଲ ମାକ୍ରନ ଆଜି ପ୍ୟାରିସରେ 14ତମ ଭାରତ-ଫ୍ରାନ୍ସ ସିଇଓ ଫୋରମ୍ କୁ ମିଳିତ ଭାବେ ସମ୍ବୋଧିତ କରିଛନ୍ତି।  ପ୍ରତିରକ୍ଷା, ଏରୋସ୍ପେସ୍, ଗୁରୁତ୍ୱପୂର୍ଣ୍ଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଉନ୍ନତ ନିର୍ମାଣ, କୃତ୍ରିମ ବୁଦ୍ଧିମତା, ଜୀବନ-ବିଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଜୀବନଶୈଳୀ ଏବଂ ଖାଦ୍ୟ ଏବଂ ଆତିଥ୍ୟ ଭଳି କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରି ଉଭୟ ପକ୍ଷର ବିଭିନ୍ନ କମ୍ପାନୀ ଗୋଷ୍ଠୀର ସିଇଓମାନଙ୍କୁ ଫୋରମ୍ ଏକତ୍ର କରିଥିଲା।

2. ପ୍ରଧାନମନ୍ତ୍ରୀ ନିଜ ସମ୍ବୋଧନରେ ଭାରତ-ଫ୍ରାନ୍ସ ମଧ୍ୟରେ ବଢୁଥିବା ବ୍ୟବସାୟ ଏବଂ ଆର୍ଥିକ ସହଯୋଗର ବିସ୍ତାର ତଥା ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗୀତାକୁ ପ୍ରଦାନ କରାଯାଇଥିବା ପ୍ରୋତ୍ସାହନକୁ ଉଲ୍ଲେଖ କରିଥିଲେ।  ନିଜର ସ୍ଥିର ନୀତି ଏବଂ ପୂର୍ବାନୁମାନଯୋଗ୍ୟ ନୀତି ଇକୋସିଷ୍ଟମ ଉପରେ ଆଧାର କରି ସେ ଏକ ପସନ୍ଦନୀୟ ବିଶ୍ୱସ୍ତରୀୟ ପୁଞ୍ଜି ବିନିଯୋଗ ରୂପରେ ଭାରତର ଆକର୍ଷଣକୁ ଆଲୋକିତ କରିଛନ୍ତି।  ସାମ୍ପ୍ରତିକ ବଜେଟରେ ଘୋଷଣା କରାଯାଇଥିବା ସଂସ୍କାର ବିଷୟରେ ଆଲୋଚନା କରି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ SMR ଏବଂ AMR ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ କେନ୍ଦ୍ରିତ କରି ଘରୋଇ ଅଂଶଗ୍ରହଣ ପାଇଁ ବୀମା କ୍ଷେତ୍ର ବର୍ତ୍ତମାନ 100% FDI ଏବଂ ବେସାମରିକ ଆଣବିକ ଶକ୍ତି କ୍ଷେତ୍ର ପାଇଁ ଉନ୍ମୁକ୍ତ ରହିଛି; ସୀମାଶୁଳ୍କ ଦର ସଂରଚନାକୁ ଯୁକ୍ତିସଙ୍ଗତ କରାଯାଇଛି; ଏବଂ ଜୀବନଧାରଣକୁ ସହଜ କରିବା ପାଇଁ ସରଳୀକୃତ ଆୟକର ସଂହିତା ଆଣିବାକୁ ଯାଉଛି।  ସଂସ୍କାର ଆରମ୍ଭ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତାର ଉଲ୍ଲେଖ କରି ସେ କହିଥିଲେ ଯେ ବିଶ୍ୱାସ ଆଧାରିତ ଅର୍ଥନୈତିକ ଶାସନ ପ୍ରତିଷ୍ଠା ପାଇଁ ନିୟାମକ ସଂସ୍କାର ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି।  ଗତ କିଛି ବର୍ଷ ମଧ୍ୟରେ 40,000 ରୁ ଅଧିକ ଅନୁପାଳନକୁ ଯୁକ୍ତିସଙ୍ଗତ କରାଯାଇଥିଲା।

3. ପ୍ରତିରକ୍ଷା, ଶକ୍ତି, ରାଜପଥ, ବେସାମରିକ ବିମାନ ଚଳାଚଳ, ମହାକାଶ, ସ୍ୱାସ୍ଥ୍ୟସେବା, ଫିନଟେକ ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ଭାରତର ବିକାଶ କାହାଣୀ ଦ୍ୱାରା ପ୍ରଦାନ କରାଯାଉଥିବା ଅପାର ସୁଯୋଗ ଉପରେ ନଜର ରଖିବା ପାଇଁ ପ୍ରଧାନମନ୍ତ୍ରୀ ଫ୍ରାନ୍ସ କମ୍ପାନୀ ଗୁଡ଼ିକୁ ନିମନ୍ତ୍ରଣ କରିଥିଲେ। ଭାରତର ଦକ୍ଷତା, ପ୍ରତିଭା ଏବଂ ନବସୃଜନରେ ବିଶ୍ୱସ୍ତରୀୟ ପ୍ରଶଂସା ଏବଂ ଆଗ୍ରହକୁ ରେଖାଙ୍କିତ କରି ସେ ନୂଆ AI, ସେମିକଣ୍ଡକ୍ଟର, କ୍ୱାଣ୍ଟମ, ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ହାଇଡ୍ରୋଜେନ ମିଶନରେ ପାରସ୍ପରିକ ବିକାଶ ଏବଂ ସମୃଦ୍ଧି ପାଇଁ ଭାରତ ସହଭାଗୀ ହେବା ପାଇଁ ଫ୍ରାନ୍ସ ଉଦ୍ୟୋଗଗୁଡ଼ିକୁ ସେ ଆହ୍ୱାନ କରିଥିଲେ। ସେ ଏହି କ୍ଷେତ୍ରରେ ସକ୍ରିୟ ସମ୍ପୃକ୍ତିର ଗୁରୁତ୍ୱକୁ ରେଖାଙ୍କିତ କରିଥିଲେ, ନବସୃଜନ, ନିବେଶ ଏବଂ ପ୍ରଯୁକ୍ତି-ଚାଳିତ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ପାଇଁ ଉଭୟ ରାଷ୍ଟ୍ରର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସମ୍ପୂର୍ଣ୍ଣ ମନ୍ତବ୍ୟ ଏଠାରେ ଦେଖନ୍ତୁ.

4. ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ. ଜୟଶଙ୍କରଙ୍କ ସହିତ ଫ୍ରାନ୍ସର ୟୁରୋପ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ମହାମହିମ ଜିନ୍-ନୋଏଲ୍ ବାରୋଟ ଏବଂ ଫ୍ରାନ୍ସର ଅର୍ଥବ୍ୟବସ୍ଥା, ଅର୍ଥ ଓ ଶିଳ୍ପ ଓ ଡିଜିଟାଲ ସାର୍ବଭୌମତ୍ୱ ମନ୍ତ୍ରୀ ମହାମହିମ ଏରିକ ଲୋମ୍ବାର୍ଡ ମଧ୍ୟ ଏହି ମଞ୍ଚକୁ ସମ୍ବୋଧିତ କରିଛନ୍ତି।

5. ବୈଠକରେ ଯୋଗ ଦେଇଥିବା ଉଭୟ ପକ୍ଷର ସିଇଓମାନେ ହେଲେ:

ଭାରତ ପକ୍ଷରୁ:

| କ୍ର.ସଂ | କମ୍ପାନୀ ନାମ (ସେକ୍ଟର) | ନାମ ଏବଂ ପଦବୀ |
|---|---|---|
| 1 | ଜୁବିଲିଆଣ୍ଟ ଫୁଡ୍‌ସୱାର୍କ/ ଜୁବିଲିଆଣ୍ଟ ଲାଇଫ୍ ସାଇନ୍ସ, ଫୁଡ୍ ଏବଂ ବେଭରେଜ୍ | ହରି ଭାରତୀୟ, ସହ-ଅଧ୍ୟକ୍ଷ ଏବଂ ନିର୍ଦ୍ଦେଶକ |
| 2 | CII | ଚନ୍ଦ୍ରଜିତ ବାନାର୍ଜୀ, ଡାଇରେକ୍ଟର ଜେନେରାଲ |
| 3 | ଟିଟାଗଡ଼ ରେଲ୍ ସିଷ୍ଟମ୍ ଲିମିଟେଡ୍ (TRSL), ରେଲୱେ ଏବଂ ଇନଫ୍ରାଷ୍ଟ୍ରକଚର୍ | ଉମେଶ ଚୌଧୁରୀ, ଉପାଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ |
| 4 | ଭାରତ ଲାଇଟ୍ ଏଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍, (ରିନ୍ୟୁଏବଲ୍ ଏନର୍ଜି) | ତେଜପ୍ରୀତ ଚୋପ୍ରା, ପ୍ରେସିଡେଣ୍ଟ ଏବଂ ସିଇଓ |
| 5 | ପି ମଫତଲାଲ ଗ୍ରୁପ୍, ଟେକ୍ସଟାଇଲ୍ ଏବଂ ଇଣ୍ଡଷ୍ଟ୍ରିଆଲ୍ ପ୍ରୋଡକ୍ଟ | ବିଶାଦ ମଫତଲାଲ, ଚେୟାରମ୍ୟାନ୍ |
| 6 | ବୋଟ୍, କଞ୍ଜୁମର୍ ଇଲେକ୍ଟ୍ରୋନିକ୍ସ (ୱେୟାରେବଲ୍‌ସ) | ଅମନ ଗୁପ୍ତା, ସହ-ସଂସ୍ଥାପକ |
| 7 | ଦଳିତ ଇଣ୍ଡିଆନ୍ ଚ୍ୟାମ୍ବର୍ ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରି (ଡିଆଇସିସିଆଇ), ବିଜିନେସ୍ ଆଡଭୋକେସି ଏଣ୍ଡ ଇନକ୍ଲୁଜନ୍ | ମିଳିନ୍ଦ କାମ୍ବଲେ, ଫାଉଣ୍ଡର/ଚେୟାରମ୍ୟାନ୍ |
| 8 | ସ୍କାଏ ରୁଟ୍ ଏରୋସ୍ପେସ୍, ଏରୋସ୍ପେସ୍ ଏବଂ ସ୍ପେସ୍ ଏବଂ ଟେକ୍ନୋଲୋଜି | ପବନ କୁମାର ଚନ୍ଦନା, ସହ-ପ୍ରତିଷ୍ଠାତା |
| 9 | ଅଗ୍ନିକୁଳ, ଏରୋସ୍ପେସ୍ ଏବଂ ସ୍ପେସ୍ ଏବଂ ଟେକ୍ନୋଲୋଜି | ଶ୍ରୀନାଥ ରବିଚନ୍ଦ୍ରନ, ସହ-ପ୍ରତିଷ୍ଠାତା ଓ ସିଇଓ |
| 10 | ଟାଟା ଆଡଭାନ୍ସଡ୍ ସିଷ୍ଟମ୍ ଲିମିଟେଡ୍, ଏରୋସ୍ପେସ୍ ଏବଂ ଡିଫେନ୍ସ | ସୁକରନ ସିଂହ, ମ୍ୟାନେଜିଙ୍ଗ ଡାଇରେକ୍ଟର |
| 11 | UPL ଗ୍ରୁପ୍, ଏଗ୍ରୋକେମିକାଲ୍ ଏବଂ ଏଗ୍ରିବିଜିନେସ୍ | ବିକ୍ରମ ଶ୍ରଫ୍, ଉପାଧ୍ୟକ୍ଷ ଏବଂ ସହ-ସିଇଓ |
| 12 | ସୁଲା ଭିନେୟାର୍ଡ, ଖାଦ୍ୟ ଓ ପାନୀୟ | ରାଜୀବ ସାମନ୍ତ, ସିଇଓ |

| | | |
|---|---|---|
| 13 | ଡାଇନାମାଟିକ୍ ଟେକ୍ନୋଲୋଜିସ୍ ଲିମିଟେଡ୍, ଏରୋସ୍ପେସ୍ ଓ ଡିଫେନ୍ସ, ଏବଂ ଇଞ୍ଜିନିୟରିଙ୍ଗ | ଉଦ୍ୟନ୍ତ ମାଲହୋତ୍ରା, ସିଇଓ ଏବଂ ମ୍ୟାନେଜିଙ୍ଗ ଡାଇରେକ୍ଟର |
| 14 | ଟାଟା କନସଲ୍ଟିଙ୍ଗ ଇଞ୍ଜିନିୟର୍ସ (TCE), ଇଞ୍ଜିନିୟରିଙ୍ଗ ଏଣ୍ଡ କନସଲ୍ଟିଙ୍ଗ | ଅମିତ ଶର୍ମା, ମ୍ୟାନେଜିଙ୍ଗ ଡାଇରେକ୍ଟର ଏବଂ ସିଇଓ |
| 15 | ନାଇକା, କସମେଟିକ୍ସ ଏବଂ କଞ୍ଜୁମର୍ ଗୁଡ୍ସ | ଫାଲଗୁନି ନାୟର, ସିଇଓ |

ଫ୍ରାନ୍ସ ପକ୍ଷରୁ:

| କ୍ର.ସଂ | କମ୍ପାନୀ ନାମ (ସେକ୍ଟର) | ନାମ ଏବଂ ପଦବୀ |
|---|---|---|
| 1 | ଏୟାର ବସ୍, ଏରୋସ୍ପେସ୍ ଏବଂ ଡିଫେନ୍ସ | ଗିଲାଉମ୍ ଫରି, ସିଇଓ |
| 2 | ଏୟାର ଲିକ୍ୱାଇଡ୍, କେମିକାଲ୍ସ, ହେଲ୍‌ଥ କେୟାର, ଇଞ୍ଜିନିୟରିଙ୍ଗ | ଫ୍ରାଙ୍କୋଇସ୍ ଜ୍ୟାକୋ, ସିଇଓ ଏବଂ ଏୟାର ଲିକ୍ୱିଡ୍ ଗ୍ରୁପ୍ ର ବୋର୍ଡ ଅଫ୍ ଡାଇରେକ୍ଟର୍ ଙ୍କର ସଦସ୍ୟ |
| 3 | ବ୍ଲାବ୍ଲାକାର୍, ଟ୍ରାନ୍ସପୋର୍ଟ, ସର୍ଭିସ୍ | ନିକୋଲାସ୍ ବ୍ରସନ୍, ସିଇଓ ଏବଂ ସହ-ପ୍ରତିଷ୍ଠାତା |
| 4 | କ୍ୟାପଜେମିନି ଗ୍ରୁପ୍, ଇନଫର୍ମେସନ୍ ଟେକ୍ନୋଲୋଜି, ଇଞ୍ଜିନିୟରିଙ୍ଗ | ଆଇମାନ୍ ଏଜାଟ୍, ସିଇଓ |
| 5 | ଡାନୋନ୍, ଫୁଡ୍ ଏବଂ ବେଭରେଜ୍ | ଆଣ୍ଟୋଇନ୍ ଡି ସେଣ୍ଟ-ଆଫ୍ରିକ୍, ସିଇଓ |
| 6 | EDF, ଏନର୍ଜି, ପାୱାର | ଲୁକ୍ ରେମଣ୍ଟ, ଚେୟାରମ୍ୟାନ୍ ଏବଂ ସିଇଓ |
| 7 | ଏଜିସ୍ ଗ୍ରୁପ୍, ଆର୍କିଟେକ୍ଟର୍ କନଷ୍ଟ୍ରକସନ୍ ଇଞ୍ଜିନିୟରିଙ୍ଗ | ଲରେଣ୍ଟ ଜର୍ମାନ୍, ସିଇଓ |
| 8 | ଇଞ୍ଜି ଗ୍ରୁପ୍, ଏନର୍ଜି, ରିନ୍ୟୁଏବଲ୍ ଏନର୍ଜି | କ୍ୟାଥେରିନ ମ୍ୟାକଗ୍ରେଗର, ସିଇଓ ଏବଂ ଇଞ୍ଜି ର ବୋର୍ଡ ସଦସ୍ୟ |
| 9 | ଲୋରିଆଲ୍, କସମେଟିକ୍ସ ଏବଂ କଞ୍ଜୁମର୍ ଗୁଡ୍ସ | ନିକୋଲାସ୍ ହିରୋନିମସ୍, ସିଇଓ ଏବଂ ବୋର୍ଡ ଅଫ୍ ଡାଇରେକ୍ଟର୍ସ ର ସଦସ୍ୟ |
| 10 | ମିଷ୍ଟ୍ରାଲ୍ AI, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ | ଅର୍ଥର ମେନ୍ସ, ସିଇଓ ଏବଂ ସହ-ପ୍ରତିଷ୍ଠାତା |
| 11 | ନାଭାଲ୍ ଗ୍ରୁପ୍, ଡିଫେନ୍ସ, ଶିପ୍ ବିଲ୍ଡିଙ୍ଗ, ଇଞ୍ଜିନିୟରିଙ୍ଗ | ପିଏରେ ଏରିକ୍ ପମେଲେଟ୍, ଚେୟାରମ୍ୟାନ୍ ଏବଂ ସିଇଓ |
| 12 | ପେରନୋଡ୍ ରିକାର୍ଡ, ଆଲକୋହଲ୍ ବେଭରେଜ୍, FMCG | ଆଲେକ୍ଜାଣ୍ଡାର୍ ରିକାର୍ଡ, ଚେୟାରମ୍ୟାନ୍ ଏବଂ ସିଇଓ |
| 13 | ସାଫରନ, ଏରୋସ୍ପେସ୍ ଏବଂ ଡିଫେନ୍ସ | ଅଲିଭିଅର୍ ଆଣ୍ଡ୍ରିଏସ୍, ସିଇଓ |

| | | |
|---|---|---|
| 14 | ସର୍ଭିଅର୍, ଫାର୍ମାସ୍ୟୁଟିକାଲ୍, ହେଲ୍ଥ କେୟାର | ଅଲିଭିଅର୍ ଲ୍ୟୁରୋ, ପ୍ରେସିଡେଣ୍ଟ ଏବଂ ସିଇଓ |
| 15 | ଟୋଟାଲ୍ ଏନର୍ଜିଜ୍ SE, ଏନର୍ଜି | ପାଟ୍ରିକ୍ ପୋୟାନେ, ଚେୟାରମ୍ୟାନ୍ ଏବଂ ସିଇଓ |
| 16 | ଭିକାଟ୍, କନଷ୍ଟ୍ରକସନ୍ | ଗାଏ ସିଡୋସ୍, ଚେୟାରମ୍ୟାନ୍ ଏବଂ ସିଇଓ |

ପ୍ୟାରିସ୍

ଫେବୃୟାରୀ 11, 2025